# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ




ଲେଖକ: Edward Hughes
ଦୃଷ୍ଟାନ୍ତ: Alastair Paterson; Janie Forest
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada



©2022 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।




ବାର୍ତୀମୟ ଜଣେ ଅନ୍ଧ ଲୋକ ଥିଲା, ସେ ଯିରିହୋର ପଥ ପାର୍ଶରେ ବସିଥିଲା । କେତେକ ଦୟାଳୁ ଲୋକମାନେ ସେହି ରାସ୍ତାଦେଇ ଯିବାବେଳେ ତାଙ୍କୁ ନିଜ ଖାଦ୍ୟରୁ କିଛି ଅଂଶ କିମ୍ବା କିଛି ପରିମାଣରେ ଅର୍ଥଦାନ ମଧ୍ୟ କରୁଥିଲେ । ବାର୍ତୀମୟ ଅନ୍ଧ ଥିବାରୁ କିଛି କାର୍ଯ୍ୟ କରିପାରିଲେ ନାହିଁ । ସେ କେବଳ ଭିକ ମାଗିପାରିଲେ ।



ଏକ ସମୟରେ, ରାଜପଥ ଅତ୍ୟଧିକ ବ୍ୟସ୍ତ ଥିଲା । ବାର୍ତୀମୟ ଅନେକ ଲୋକଙ୍କ ପାଦଶବ୍ଦ ଶୁଣିପାରିଲେ । କିଛି  ଅସାମାନ୍ୟ ହେବାର ସେ ଅନୁଭବ କଲେ । ସଂଙ୍ଗେ ସଂଙ୍ଗେ ସେ ସେହି ଶବ୍ଦ ବିଷୟରେ ଜାଣିପାରିଲେ । ନାଜରୀତୀୟ ଯୀଶୁ ସେହି ନଗରରେ ଥିଲେ । ଯୀଶୁଙ୍କୁ ଦେଖିବାକୁ ଓ ଶୁଣିବାକୁ ସେଠାରେ ଲୋକ ଗହଳି ହେଲା ।



3



ହେ ଦାଉଦ ସନ୍ତାନ ଯୀଶୁ, ମୋତେ ଦୟା କରନ୍ତୁ, ବାର୍ତୀମୟ କାହିଁକି ଉଚ୍ଚ ଶ୍ୱରରେ ଡାକିଲା? ଯୀଶୁ ତାଙ୍କୁ ସାହାଯ୍ୟ କରିପାରିବେ ବୋଲି କାହିଁକି ସେ ଭାବିଲା, ହୋଇପାରେ ଯୀଶୁ ଅନ୍ୟ ଲୋକମାନଙ୍କୁ ସୁସ୍ଥ କରିଥିବା କଥା ଶୁଣିଥାଇପାରନ୍ତି । କୋଡେକ ବଧିର, ମୂକ, କେତେକ ଖଞ୍ଜା, ଏବଂ ତାଙ୍କପରି କେତେ ଅନ୍ଧ ସୁସ୍ଥ ହୋଇଥିବେ । ଦାଉଦ ସନ୍ତାନ, ମୋତେ ଦୟାକର, ବାର୍ତୀମୟ ବାରମ୍ବାର ଉଚ୍ଚ ଶ୍ୱରରେ ଡାକିଲେ । ସେ ସୁସ୍ଥହେବା ଆଶାରେ ତାଙ୍କର ସ୍ୱରରେ ଯୀଶୁଙ୍କୁ ଡାକିଲା ।

4



ବାର୍ତୀମୟ ଗୋଟିଏ ବିଷୟରେ ନିଷ୍ଚିତ ଥିଲେ । ଯଦି ବର୍ତ୍ତମାନ ସେ ସାହାଯ୍ୟ ପାଇବେ ନାହିଁ, ହୋଇପାରେ ପୁଣି ଏପରି ସୁଯୋଗ ସେ ଫେରି ପାଇବେ ନାହିଁ । ଯୀଶୁ ଏହି ରାସ୍ତାରେ ପୁଣି କେବେ ଆସି ନ ପାରନ୍ତି ।

5



ବାର୍ତୀମୟକୁ ଯୀଶୁଙ୍କ ନିକଟକୁ ପହଞ୍ଚିବାକୁ ପଡ଼ିଲା, କିନ୍ତୁ ଲୋକଗହଳି ତାଙ୍କୁ ସ୍ଥାନ ଦେଲେନାହିଁ । ଶ୍‌ଷ୍ଟ...! ସେମାନେ କହିଲେ । ସେମାନେ ତାଙ୍କୁ ଚୁପ୍ ରହିବାକୁ ଧମକ ଦେଲେ ।

6



କିନ୍ତୁ ବାର୍ତୀମୟ ଚୁପ୍ ରହିଲେ ନାହିଁ । କିନ୍ତୁ ସେ ଆହୁରି ଅଧିକ ଉଚ୍ଚ ସ୍ୱରରେ ଡାକିଲା । ଅଚାନକ୍ ଭାବରେ ଯୀଶୁ ଠିଆ ହୋଇଗଲେ, ଶୁଣିଲେ, ସେହିଅନ୍ଧଟିକୁ ତାଙ୍କ ନିକଟକୁ ଆଣିବାକୁ ଆଜ୍ଞା ଦେଲେ । ସାହସ ଧର,  ଲୋକମାନେ ବାର୍ତୀମୟକୁ କହିଲେ । ଉଠ
ସେ ତୁମ୍ଭକୁ ଡାକୁଅଛନ୍ତି ।

7

ତହିଁରେ ସେ ଆପଣା ଚାଦର ଫୋପାଡ଼ିଦେଇ, ବାର୍ତୀମୟ ଉଠି ଯୀଶୁଙ୍କ ନିକଟକୁ ଆସିଲା ।



8

ମୁ ତୁମ୍ଭପାଇଁ କଅଣ କରିବି ବୋଲି ତୁମ୍ଭେ ଇଛାକର? ଯୀଶୁ ତାହାକୁ ପଚ଼ାରିଲେ । ତୁମେ କିପରି ଉତ୍ତର ଦେଇଥାନ୍ତ? ତୁମେ କି ଅଧିକ ପରିମାଣରେ ଧନ କିମ୍ବା ଉତ୍ତମ ବସ୍ତ୍ର ମାଗିଥାନ୍ତ?, ବାର୍ଟୀମୟ କଅଣ ତାହା ଚ଼ାହୁଁଥିଲେ କି?



9

ନୁହେଁ, ଅନ୍ଧ ବାର୍ଟୀମୟ ଯୀଶୁଙ୍କଠାରୁ ସୁନା କିମ୍ବା ଉତ୍ତମ ବସ୍ତ୍ର ଚ଼ାହିଁନଥିଲେ । ତୁମେ ଜାଣ ସେ କଅଣ ଚ଼ାହୁଁଥିଲେ । ହେ ଗୁରୁ, ମୁ ଯେପରି ଦୃଷ୍ଟିପାଏ । ବାର୍ଟୀମୟ ଦେଖିବାକୁ ଚ଼ାହୁଁଥିଲେ, ସେ ପଶୁପକ୍ଷି, ଗଛପତ୍ର ଓ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ସମସ୍ତ ଦେଖିବାକୁ ଚ଼ାହୁଁଥିଲେ । ସେ ଚ଼କ୍ଷୁରେ ଦେଖି ନିଜେ ନିଜ ଶରିରର ଦେଖାଶୁଣା କରିବାକୁ ଚ଼ାହୁଁଥିଲେ ଓ ସେ ଭିକାରି ହେବାକୁ ଚ଼ାହୁଁନଥିଲେ ।



10

ଯୀଶୁ ବାର୍ଟୀମୟଙ୍କୁ କହିଲେ, ଦୃଷ୍ଟିପାଅ ।
ତୁମ୍ଭର ବିଶ୍ୱାସ ତୁମ୍ଭକୁ ସୁସ୍ଥ କରିଅଛି ।



11

ତତ୍କ୍ଷଣାତ୍ ସେ ଦୃଷ୍ଟି ପାଇଲେ ଓ ଯୀଶୁଙ୍କ ପଛେ ପଛେ ଗଲେ । ସେ କେବଳ ପରମେଶ୍ୱର ଅଦ୍ଭୁତ ଭାବିପାରିଲେ, ସେ ମୋତେ ସୁସ୍ଥ କରିଅଛନ୍ତି, ବାର୍ଟୀମୟଙ୍କ ନିମନ୍ତେ ଏକ ଅଦ୍ଭୁତ ସମୟ ଥିଲା ।



12

ସମସ୍ତ ଲୋକ, ଯେତେବେଳେ ସେମାନେ ଏହା ଦେଖିଲେ, ସେମାନେ ପରମେଶ୍ୱରଙ୍କ ମହିମା କଲେ । ପୁଣିଥରେ, ସେମାନେ ଇଶ୍ୱରଙ୍କ ପୁତ୍ରଙ୍କର ଅଦ୍ଭୁତ କର୍ମ ଦେଖିଲେ, ଯୀଶୁ ସେହି ଗରିବ ଅନ୍ଧ ଭିକାରିକୁ ସୁସ୍ଥ କଲେ ।



13

ଯୀଶୁ ଏକ ଅନ୍ଧକୁ ସୁସ୍ଥ କଲେ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାର୍କ ୧୦, ଲୂକ ୧୮, ଯୋହନ ୯

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

14




50

60



ଏହି ବାଇବଲ୍ କହାଣି ଈଶ୍ବରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ବର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ବର ଜାଣନ୍ତି, ଯାହାକୁ ଈଶ୍ବର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ବର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ବିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ବର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ବାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ବାସ କର, ତହିଁରେ ଈଶ୍ବରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ବାସ କରେ କି ତୁମ୍ଭେ ହିଁ ଈଶ୍ବର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ବରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬